# Akashvani, Sambalpur

# SAMBALPURI NEWS MORNING BULLETIN

## 2 July 2026 - 6.47- 6.52 am.

---

ରାଜ୍ୟ କେବିନେଟ୍        ଆଇ ଆଣ୍ଡ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବନେଶ୍ୱର ଲୋକସେବା ଭବନ୍ ନ ରାଜ୍ୟ ମନ୍ତ୍ରୀମଣ୍ଡଲ୍ର ୪୩ ନମ୍ବର ବୈଠକ ହେଇଯାଇଛେ । ବୈଠକଥି ମୁଖ୍ୟମନ୍ତ୍ରୀ ୧୨ ଟା ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ । ସେଥିର୍ଭିତ୍ରୁ ଜ୍ଞାନୋଦୟ ଶିକ୍ଷାନୁ ସମୃଦ୍ଧି ଯୋଜ୍ନାକେ ଅନୁମୋଦନ୍ କରିଥିବାର୍ ଘୋଷ୍ନା କରାଯାଇଛେ । ଯୋଜ୍ନାଥି କେଜି ନୁ ପିଜିତକ୍ ରାଜ୍ୟର୍ ସବୁ ଛାତ୍ରଛାତ୍ରୀମାନ୍କୁ ମାହାଲିଆ ଶିକ୍ଷା ସୁବିଧା ମିଲ୍ବା । ଚଲ୍ତି ଶିକ୍ଷା ବଛର୍ନୁ ଇଟା ଲାଗୁ ହେବା ଆଉ ସର୍କାରୀ ଆଉ ସର୍କାରୀ ଅନୁଦାନ୍ ପ୍ରାପ୍ତ ଶିକ୍ଷାନୁଷ୍ଠାନ୍ ମାନ୍କେ ୯ ନୁ ୧୨ ଶ୍ରେଣୀ ଆଉ ସ୍ନାତକ ଆଉ ସ୍ନାତକୋତର୍ ନିୟମିତ୍ ପାଠ୍ୟକ୍ରମ୍ର ନାଁଲେଖା ଫିସ୍କେ ପୁରାପୁରି ଛାଡ଼୍ କରାଯିବା । ପହେଲା ବଛ୍ରେ ୮ ଶହ ୯୫ କୋଟି ନୁ ଅଏତ୍କା ଟଙ୍କା ଆଉ ୫ ବଛ୍ରେ ୫ ହଜାର୍ ୪ ଶହ

୬୭ କୋଟିନୁ ଅଏତ୍କା ଟଙ୍କାର୍ ବ୍ୟୟ ଅଟକଳ ମଞ୍ଜୁର୍ ହେଇଛେ । ଇଥିର୍‌ଲାଗି ବଛର୍‌କ ୩୨ ଲାଖ୍ ନୁ ଅଏତ୍କା ଛାତ୍ରଛାତ୍ରୀ ଉପକୃତ୍ ହେବେ । ଇତାର୍‌ଛଡ଼ା ବାକି ୧୧ ଟା ଅନୁମୋଦିତ ପ୍ରସ୍ତାବ୍ ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍...

(ଭଏସ୍ ଓଭର୍- ଅନୁ ଗର୍ଗ)

ପୋଷଣ ଅଭିଯାନ୍-ଓଜନ୍ ଉତ୍ସବ ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଗଲାକାଏଲ୍‌ଠାନୁ ପହେଲା ଖେପ୍ ପୋଷଣ ଅଭିଯାନ୍-ଓଜନ୍ ଉତ୍ସବ୍ ୨୦୨୬-୨୭ ମୁଲ୍ ହେଇଛେ । ଆଏବା ୨୫ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବାର ଅଭିଯାନ୍ ରାଜ୍ୟର୍ ସବୁ ଅଙ୍ଗନବାଡ଼ି କେନ୍ଦ୍ର ନ ଭିନ୍ ଭିନ୍ ସହଯୋଗୀ ବିଭାଗ୍‌ର ସହଭାଗିତାଥି ଆୟୋଜନ୍ କରାଯାଉଛେ । କାର୍ଯ୍ୟକ୍ରମ୍‌ଥି ଛୁଆମାନ୍‌କର୍ ପୋଷଣ୍‌ର ସ୍ଥିତି, ଚିହ୍ନଟ୍ ହେବାର୍ ଉତ୍‌ରୁ ଜରୁରୀ ଚିକିତ୍ସା ଆଉ ଗୋଷ୍ଠୀସ୍ତର୍ ନ ସେମାନ୍‌କର୍ ଯତନ୍ ନିଆଯିବା । ବାଦ୍ ପଡ଼ିଥିବା ଆଉ ଅପହଂଚ କି ଦୁର୍ଗମ୍ ଇଲାକାର୍

ଛୁଆମାନ୍‌କର୍ ଶହେ ପ୍ରତିଶତ୍ ଉଜନ୍ ଆଉ ଉଚତା ଆକଲନ୍‌କେ ସୁନିଶ୍ଚିତ୍ କରାଯିବା ।

ଭୋଟର୍ ତାଲିକା- ସର୍ବଦାଲୀୟ ବୈଠକ୍ ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ସ୍ୱୀକୃତୀ ପ୍ରାପ୍ତ ରାଜନୈତିକ୍ ଦଲ୍‌ର୍ ପ୍ରତିନିଧିମାନ୍‌କର୍ ଗୁଟେ ସର୍ବଦଲୀୟ ବୈଠକ୍ ହେଇଯାଇଛେ । ଆଏବା ୫ ତାରିଖ୍ ଚିଠା ଭୋଟର୍ ତାଲିକା ବାହାର୍‌ବା ବଲି ବୈଠକ୍‌ଥି ସୂଚ୍‌ନା ଦିଆଯାଇଛେ । ସ୍ୱତନ୍ତ୍ର ସଘନ ସଂଶୋଧନ୍-୨୦୨୬ ର ପରିଗଣନା ଫର୍ମ ବାଂଟ୍‌ବାର୍ ତାର୍ ସଂଗ୍ରହ ଆଉ ଡିଜିଟାଇଜେସନ୍ କାମ୍‌ର ସମୀକ୍ଷା କରାଯାଇଥିଲା । ଜୁଲାଇ ୫ ନୁ ଅଗଷ୍ଟ ୪ ତାରିଖ୍‌ତକ୍ ଭୋଟର୍ ତାଲିକାଥି ଥିବା ଆପତି ଅଭିଯୋଗ୍ ଦାଖଲ୍ କରାଯାଇପାର୍‌ବା । ନୂଆଁ ନାଁ ଜୁଡ଼୍‌ବାର୍ ଲାଗି ଫର୍ମ ୬, ନାଁ କାଟ୍‌ବାର୍ ଲାଗି ଫର୍ମ ୭ ଆଉ ସଂଶୋଧନ୍ ଲାଗି ଫର୍ମ ୮ ଜରିଏ ଆବେଦନ୍ କରାଯାଇପାର୍‌ବା ବଲି ବୈଠକ୍‌ନୁ ଜନାପଡ଼ିଛେ ।

ମେଟ୍ରିକ୍ ସପ୍ଲିମେଂଟାରୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧମିକ୍ ଶିକ୍ଷା ପରିଷଦ ତର୍‌ଫୁ ଆଏଜ୍‌ଠାନୁ ମେଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା -୨୦୨୬ ଆଉ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ ମୁଲ୍ ହେଉଛେ । ଇ ପରୀକ୍ଷା ୧୦ ତାରିଖ୍‌ତକ୍ ଚାଲ୍‌ବା । ଦୁହି ପରୀକ୍ଷା ଲାଗି ମୋଟ୍ ୨୪ ହଜାର୍ ୪ ଶହ ୭୦ ଝନ୍ ପରୀକ୍ଷାର୍ଥୀ ଫର୍ମ ଭରିଥିବାର୍ ବେଲେ ୨ ଶହ ୫୧ ଟା ପରୀକ୍ଷା କେନ୍ଦ୍ର ନ ପରୀକ୍ଷା ହେବା । ପରୀକ୍ଷା ସଖାଲର୍ ୯ ବଜେନୁ ମୁଲ୍ ହେଇକରି ସାଢ଼େ ୧୧ ବଜେତକ୍ ଚାଲ୍‌ବା ।

ଅମିତ୍ ଶାହା ଗସ୍ତ -ବୈଠକ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କର୍ ଆଏବା ୪ ତାରିଖ୍‌ଥିବା ସମ୍ବଲ୍‌ପୁର୍ ଗସ୍ତକେ ନଜର୍‌ଥି ରଖିକରି ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଆଉ ଆରକ୍ଷୀ ଅଧିକ୍ଷକ୍ ମୁକେଶ୍ ଭାମୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା

ବୈଠକ୍‌ଥି ଜିଲ୍ଲାସ୍ତରର ସବୁ ବିଭାଗୀୟ ଅଧିକାରୀ ଉପସ୍ଥିତ୍ ଥିଲେ । ସୂଚ୍‌ନା ଅନ୍‌ସାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ପହେଲା ସମଲେଶ୍ୱରୀ ମନ୍ଦିର୍ ନ ଦର୍ଶନ୍ କର୍‌ବାର୍ ଉତ୍‌ରୁ ରେମେଡ୍ ପଡ଼ିଆ ନ ହେବାର୍‌କେ ଥିବା ସଭାଥି ଯୋଗ୍ ଦେବେ । ଇ ଅବ୍‌ସରେ ସେ ଜିଲ୍ଲାର୍ ବହୁତ୍‌ଟେ ଉନ୍ନୟନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ତାଙ୍କର୍ ଇ ଗସ୍ତକେ ସୁର୍‌ଖୁର୍‌ଥି ଶେଷ୍ କର୍‌ବାର୍ ଲାଗି ପ୍ରଶାସନ୍ ତର୍‌ଫୁ ସୁରକ୍ଷା ଆଉ ପାର୍କିଂର ବ୍ୟବସ୍ଥା ବାବ୍‌ଦେ ବୈଠକ୍‌ଥି ବିସ୍ତୃତ୍ ଆଲୋଚନା ହେଇଥିଲା ।

ସ୍ନାତକ ମେଧା ତାଲିକା ଆଇ ଆଣ୍ଡ୍ ପି.ଆର୍

୨୦୨୬-୨୭ ଶିକ୍ଷା ବଛର୍ ଲାଗି ସ୍ନାତକ ପାଠ୍ୟକ୍ରମ୍‌ଥି ନାଁଲେଖାର ପହେଲା ଖେପ୍‌ର ୨ ନମ୍ବର୍ ମେଧା ତାଲିକା ବାହାର୍‌ବାର୍‌ଟାକେ ସ୍ଥଗିତ୍ ରଖାଯାଇଛେ । ଆଏଜ୍ ଇ ମେଧା ତାଲିକା ବାହାର୍‌ବାର୍ ଲାଗି ଧାରିଜ୍ କରାଯାଇଥିଲା । ଉଚ୍ଚ ଶିକ୍ଷା ବିଭାଗ୍ ତର୍‌ଫୁ ବଦ୍‌ଲା ଯାଇଥିବା ସମୟ ସୂଚୀ ଖୋବ୍ ଜଲ୍‌ଦି sams-ug(Degree) ପୋର୍ଟାଲ୍‌ଥି ବାହାର୍ କରାଯିବା । ଇଥିର୍‌ଲାଗି ଛାତ୍ରଛାତ୍ରୀମାନ୍‌କୁ

ନିୟମିତ୍ ଭାବେ ପୋର୍ଟାଲ୍ ଦେଖିବାର୍‌କେ ପରାମର୍ଶ ଦିଆଯାଇଛେ ।

ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଖେଲ୍‌ର ରୋମାଂଚକ୍ ଦୁନିଆକେ ଲୁକ୍‌କର୍ ସାମ୍ନାକେ ଆନୁଥିବା ପେଶାଗତ ସାମ୍ବାଦିକ ମାନ୍‌କୁ ସମ୍ମାନ୍ ଜନାବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ ହେଉଛେ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ୍ । ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରେସ୍ ସଂଗଠନ୍‌ର ୭୦ ବଛର୍ ପୂର୍ତି ଅବ୍‌ସରେ ୧୯୯୪ ମସିହା ଜୁଲାଇ ୨ ତାରିଖ୍ ଦିନ ପହେଲାକରି ବିଶ୍ୱ କ୍ରୀଡ଼ା ସାମ୍ବାଦିକ୍ ଦିବସ୍ ପାଲନ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗି କରିଥିବା ଦକ୍ଷିଣ ବାଂଲାଦେଶ୍ ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇଟା ଘନୀଭୂତ୍ ହେଇକରି ଆଏବା ୨ ଦିନ୍ ଭିତ୍‌ରେ ଲଘୁଚାପ୍ କ୍ଷେତ୍ର

ହେବାର୍ ସମ୍ଭାବନା ଅଛେ । ଇତାର୍ ପ୍ରଭାବ୍ଥି ଆଏବା ୭ ତାରିଖ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ । ନୂଆପଡ଼ା, କଲାହାଣ୍ଡି, ନବରଙ୍ଗ୍ପୁର୍, କୋରାପୁଟ୍ ଜିଲ୍ଲା ନ ଆଏଜ୍ ବେଲ୍ବୁଡ଼ାତକ୍ ଅତି ଜବର୍ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଇତାର୍ସହେତେ ୧୫ ଟା ଜିଲ୍ଲାକେ ବିଜ୍ଲି, ଘଡ୍ଘଡ଼ି ସହେତେ ବର୍ଷା ହେଇପାରେ ବଲି ସତର୍କ କରାଯାଇଛେ ।